| | |
|---|---|
| **NEW PAPER:** | Prameya |
| **DATE:** | 07.08.2018 |
| **PAGE:** | 14 |

ପ୍ରମେୟ
THE PRAMEYA

## ଏଏସ୍‌ବିଏମ୍ ନୂତନ ବ୍ୟାଚ୍‌ର ଶୁଭାରମ୍ଭ

# ପରିବର୍ତ୍ତନର ଆହ୍ୱାନକୁ ସାମ୍ନା କର



ଚନ୍ଦକା,୬।୮(ଆ.ପ୍ର.): ଏସିଆନ ସ୍କୁଲ ଅଫ୍ ବିଜିନେସ୍ ମ୍ୟାନେଜମେଣ୍ଟ ର ପି.ଜି.ଡ଼ି.ଏମ୍., ବିବିଏ ଏବଂ ବି.କମ୍ ନୂତନ ବ୍ୟାଚ୍‌ର ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏମ୍‌ଡ଼ି ଓ ସିଇଓ ଦୀନବନ୍ଧୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଏସ୍‌ବିଏମ୍‌ର ସମସ୍ତ ପାଠ୍ୟକ୍ରମର ନୂତନ ବ୍ୟାଚ୍‌କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଶ୍ରୀ ମହାପାତ୍ର ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ଜୀବନରେ ସଫଳ ହେବାକୁ ହେଲେ କଠୋର ଅଧ୍ୟବ୍ୟସାୟ, ଦୃଢ଼ ମନୋବଳ ଏବଂ ଶୃଙ୍ଖଳା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ଆତ୍ମ ସମୀକ୍ଷା ଦ୍ୱାରା ନିଜର ଭୁଲକୁ ସୁଧାରି ଜୀବନରେ ସଫଳତା ଦିଗରେ ଅଗ୍ରସର ହେବା ପାଇଁ ସେ ଆହ୍ୱାନ ଦେଇଥିଲେ।

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ଼ଃ ଦେବେନ୍ଦ୍ର ନାଥ ଜେନା ଯୋଗ ଦେଇ କହିଲେ ଯେ ଛାତ୍ରଛାତ୍ରୀମାନେ ପରିବର୍ତ୍ତନର ଆହ୍ୱାନକୁ ସମ୍ମୁଖୀନ କରି ନିଜର କଠୋର ଅଧ୍ୟବ୍ୟସାୟ ଓ ଦୃଢ ମନୋବଳ ଦ୍ୱାରା ଜୀବନରେ ସଫଳତା ହାସଲ କରିପାରିବେ। ଭୁବନେଶ୍ୱର ଲୋକସଭା ସାଂସଦ ପ୍ରସନ୍ନ ପାଟ୍ଟଶାଣୀ ପୌରୋହିତ୍ୱ କରି କହିଲେ ଯେ ଏଏସ୍‌ବିଏମ୍ ଭାରତ ବର୍ଷରେ ଏକ ଅଗ୍ରଣୀ ମ୍ୟାନଜମେଣ୍ଟ ଶିକ୍ଷାନୁଷ୍ଠାନ ରୂପରେ ଖ୍ୟାତି ଅର୍ଜନ କରିଅଛି। ସେ ମଧ୍ୟ କହିଲେ ବ୍ୟକ୍ତି ବିଶେଷ ଏବଂ ଅନୁଷ୍ଠାନର ସଫଳତା ନିରନ୍ତର ନୂତନ ଚିନ୍ତାଧାରା ବିକାଶ ମାଧ୍ୟମରେ ହିଁ ସମ୍ଭବ ହୋଇଥାଏ। ସେ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇ କହିଲେ ଯେ ସ୍ୱାସ୍ଥ୍ୟ ପରିଚାଳନା ସବୁ ମ୍ୟାନେଜମେଣ୍ଟର ମୂଳ ତତ୍ୱ। ନୂତନ ଯୁବ ପିଢ଼ି ନିଜର ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବା ଉଚିତ୍।

ଅନୁଷ୍ଠାନର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ପ୍ରଫେସର (ଡ଼ଃ) ବିଶ୍ୱଜିତ ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ପ୍ରଖ୍ୟାତ ମ୍ୟାନେଜମେଣ୍ଟ ଲେଖକ ମାଲକମ୍ ଗ୍ଲାଡ଼ୱେଲ୍‌ଙ୍କର ପ୍ରସିଦ୍ଧ ପୁସ୍ତକ 'ବ୍ଲିଙ୍କ୍'ରୁ ଉଦ୍ଧୃତ କରି ପିଲାମାନଙ୍କୁ ଲକ୍ଷ୍ୟସାଧନ ପାଇଁ ଆଗେଇ ଯିବାକୁ ଆହ୍ୱାନ ଦେଇଥିଲେ।